# ଆଶ୍ଚର୍ଯ୍ୟ ଖଟିଆ

**କଲ୍ୟାଣୀ ଘୋଷ**

ମହାରାଜା ସମୁଦ୍ରଗୁପ୍ତଙ୍କ ଜନ୍ମଦିନ । ରାଜା ସଭାରେ ବସିଥାନ୍ତି । ପ୍ରଜାମାନେ ନାନା ମୂଲ୍ୟବାନ ଉପହାର ଆଣି ରାଜାଙ୍କୁ ଭେଟି ଦେଉଥା'ନ୍ତି । ଜଣେ ଗରିବ ବଢ଼େଇ ଖଟିଆଟିଏ ମୁଣ୍ଡାଇ ଆସି ସଭାରେ ରଖିଲା । ଲୋକମାନେ ଖଟିଆ ଦେଖି ନିଜ ଭିତରେ ଠରାଠରି ହେଲେ । ରାଜାଙ୍କର ହାତୀଦାନ୍ତ ପଲଙ୍କ ଥାଉ ଥାଉ ଏ ଲୋକଟି ଖଟିଆ ଉପହାର ଆଣିଛି ।



ବଢ଼େଇଟି ହାତ ଯୋଡ଼ି କହିଲା "ମଣିମା ! ଆପଣ ଆଜି ବହୁ ମୂଲ୍ୟବାନ ଉପହାର ପାଇଛନ୍ତି । ମୁଁ ଜଣେ ଗରିବ ବଢ଼େଇ । ନିଜ ହାତରେ ମୁଁ ଏ ଖଟିଆ ତିଆରି କରି ଆଣିଛି । ଆପଣ ଦୟାକରି ମୋର ଏ ସାମାନ୍ୟ ଉପହାର ଗ୍ରହଣ କରନ୍ତୁ ।"

ସମୁଦ୍ରଗୁପ୍ତ ଅନ୍ୟ ମୂଲ୍ୟବାନ ଜିନିଷ ଗ୍ରହଣ କଲା ପରି ଖଟିଆଟିକୁ ମଧ୍ୟ ଗ୍ରହଣ କଲେ । ବଢ଼େଇଟି ଖୁସୀ ହୋଇ କହିଲା, "ମହାରାଜାଙ୍କର ଜୟ ହେଉ । ହେଲେ ମଣିମା, ମୋର ଗୋଟିଏ ଗୁହାରି ଅଛି ।

ଆପଣ ଗୋଟିଏ ରାତି ଏହି ଗରିବ ଖଟିଆଟିରେ ଶୋଇବେ। ତେବେ ମୋର ଶ୍ରମ ସାର୍ଥକ ହେବ।" ଏହା କହି ବଢ଼େଇଟି ମୁଣ୍ଡିଆ ମାରି ଚାଲିଗଲା।

ରାଜାଙ୍କ ଭଣ୍ଡାର ଘରେ ସବୁ ଉପହାର ଜିନିଷ ସଜାଇ ରଖାଗଲା। ଖଟିଆଟିକୁ ବି ଗୋଟାଏ କଣରେ ରଖି ଦିଆଗଲା। ଏହିପରି କିଛି ଦିନ ଚାଲିଗଲା। ରାଜାଙ୍କର ସେ ବଢ଼େଇ କଥା ମନେ ପଡ଼ିଲା। ସେ ଦାସୀମାନଙ୍କୁ କହିଲେ ଯେ ସେହି ଖଟିଆରେ ତାଙ୍କର ଶୋଇବା ପାଇଁ ଶେଯ ପରାଯିବ। ଶେଯ ପରାଗଲା। ରାଜା ସେ ଦିନ ରାତିରେ ସେହି ଖଟିଆ ଉପରେ ଶୋଇଲେ।

ରାଜାଙ୍କୁ ନିଦ ଲାଗି ଆସୁଥାଏ। ହଠାତ୍ ଖଟିଆଟା ଦୋହଲିଗଲା। ରାଜାଙ୍କ ନିଦ ଚାଉଁକିନା ଭାଙ୍ଗିଗଲା। ଶୁଣିଲେ କିଏ ସବୁ କଥାବାର୍ତ୍ତା ହେଉଛନ୍ତି। ଜଣେ ଅନ୍ୟମାନଙ୍କୁ ପଚାରିଲା, "କ'ଣ ବୁଲି ଯିବା ନାହିଁ? ହଁ ହଁ ନ ଯିବା କାହିଁକି?" ତା'ପରେ ଖଟିଆଟି ଟିକିଏ ଦୋହଲିଗଲା। ସେଥିରୁ ଗୋଟିଏ ଗୋଡ଼ ବାହାରି ଚାଲିଗଲା। କିଛି ସମୟ ପରେ ସେ ଫେରି ଆସିବାରୁ ଅନ୍ୟ ଗୋଡ଼ମାନେ ପଚାରିଲେ, "କ'ଣ ଦେଖି ଆସିଲ?" ସେ କହିଲା, ମୁଁ ଗଲାବେଳକୁ ଚୋରମାନେ ରାଜାଙ୍କର ଟ୍ରେଜରୀରେ ଚୋରି କରିବାକୁ



ସିନ୍ଧି ଖୋଳୁଛନ୍ତି । ଚୌକିଦାରମାନେ ନିଘୋଡ଼ ନିଦରେ ଶୋଇଛନ୍ତି । ମୁଁ ତରତର ହୋଇ ଫେରିଆସିଲି ।" ରାଜା ଏକଥା ଶୁଣି ଧଡ଼ପଡ଼ ହୋଇ ଉଠି ବସିଲେ । ଠିକ୍ ସେତିକିବେଳେ ଆଉ ଗୋଟିଏ ଗୋଡ଼ କହିଲା, ମୁଁ ଟିକିଏ ବୁଲି ଆସେ । ରାଜା ଆଉ ବାହାରକୁ ନ ଯାଇ ବସି ରହିଲେ ।

ଦ୍ୱିତୀୟ ଗୋଡ଼ଟି ଯାଇ ଅଳ୍ପ ସମୟରେ ଫେରି ଆସିଲା । କହିଲା, "ବୁଝିଲ ଭାଇମାନେ, ରାଜନର୍ତ୍ତକୀ ଚନ୍ଦ୍ରପ୍ରଭାଙ୍କ ଘରେ ସେନାପତି ନାଚ ଦେଖୁଛନ୍ତି । ଅନ୍ୟ ଦେଶର ଜଣେ ଗୁପ୍ତଚର ସହିତ ରାଜାଙ୍କ ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି ।"

ତା' କଥା ନ ସରୁଣୁ ତୃତୀୟ ଗୋଡ଼ଟି ବାହାରି ଚାଲିଗଲା, ଅଳ୍ପ ସମୟ ଭିତରେ ଫେରି ଆସି କହିଲା, "ମୁ ରାଜାଙ୍କ ବଗିଚା ଆଡକୁ ବୁଲି ଯାଇଥିଲି । ସେଠାରେ ଦୁଇଜଣ ଓଲା ବସି କଥାବାର୍ତ୍ତା ହେଉଛନ୍ତି, ବଗିଚା ଭିତରେ ଥିବା ବଡ଼ ବରଗଛ ତଳେ କୁଆଡ଼େ ଅନେକ ଧନରତ୍ନ ପୋତା ହୋଇଛି ।" ଏତିକି କହି ସେ ଚୁପ୍ ରହିଲା ।

ଏଥର ଚତୁର୍ଥ ଗୋଡ଼ଟି ବାହାରି ପଡ଼ିଲା । ସେ ମଧ୍ୟ ଅଳ୍ପ ସମୟ ଭିତରେ ଆସି ପହଞ୍ଚିଲା । ସେ କହିଲା, "ବୁଝିଲ ଭାଇ ! ରାଜାଙ୍କ ଜୋତା ଭିତରେ ଗୋଟାଏ ବିଷାକ୍ତ କଙ୍କଡ଼ା ବିଛା ପଶିଛି । ରାଜା ଶେଯରୁ ଉଠି ଯେତେବେଳେ ଜୋତାରେ ଗୋଡ଼ ପୂରାଇ ଦେବେ, ସେତିକିବେଳେ ସେ ରାଜାଙ୍କ ଗୋଡ଼କୁ କାମୁଡ଼ି ଦେବ ।"

ରାଜା ଏତକ ଶୁଣି ଆଉ କି ଥୟ ଧରନ୍ତି । ସେ ଖଟରୁ ଚଟାପଟ ଉଠିପଡ଼ି ଦେଖିଲେ ସତକୁ ସତ ତାଙ୍କ ଜୋତା ଭିତରେ କଙ୍କଡ଼ା ବିଛାଟିଏ ଅଛି । ସେ ସାଙ୍ଗେ ସାଙ୍ଗେ ସୈନ୍ୟମାନଙ୍କୁ ଡକାଇ ଟ୍ରେଜେରୀ ଘେରାଉ କଲେ, ଚୋରମାନେ ଧରା ପଡ଼ିଗଲେ ।

ରାଜା ନିଜେ ଦଳେ ସୈନ୍ୟ ନେଇ ନର୍ତ୍ତକୀ ଘରକୁ ଯାଇ ସେନାପତି ଓ ଅନ୍ୟ ଦେଶର ଗୁପ୍ତଚରକୁ ବାନ୍ଧି ଆଣିଲେ ।

ତା'ପରଦିନ ବଗିଚାରେ ଥିବା ବରଗଛ ମୂଳ ଖୋଳାଗଲା । ସତକୁ ସତ ଅନେକ ସୁନା ମୋହର ଓ ମଣି ମାଣିକ୍ୟ ମିଳିଲା । ରାଜା ସେସବୁ ଧନରତ୍ନ ରାଜକୋଷକୁ ବୁହାଇ ନେଲେ ।

ରାଜା ସେ ବଢ଼େଇ ବୁଢ଼ାକୁ ଖୋଜିଲେ । କିନ୍ତୁ ତା'ର ସନ୍ଧାନ ମିଳିଲା ନାହିଁ ।